# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 April - 2026

******************************

## ମୁଖ୍ୟ ସମ୍ବାଦ

- ମହାନଦୀ ଜଳ ବିବାଦ ପ୍ରାଧିକରଣ ଅବଧିକୁ ୧ ବର୍ଷ ବୃଦ୍ଧି କଲେ କେନ୍ଦ୍ର ସରକାର
- ରାଜ୍ୟରେ ଗଠନ କରାଯିବ ପାନୀୟ ଜଳ ନିଗମ; କହିଲେ ପଞ୍ଚାୟତିରାଜ ମନ୍ତ୍ରୀ
- ପୁରୀ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଚତୁର୍ଥ ଦିନରେ ଜାରି

– ଗଜପତି ମହାରାଜାଙ୍କ ଅଧକ୍ଷତାରେ ସନ୍ଧ୍ୟାରେ ଅନୁଷ୍ଠିତ ହେବ ଐକ୍ୟ ସ୍ଥାପନା ମଣ୍ଡଳୀର ବୈଠକ

- ଗର୍ଭାବସ୍ଥା ଓ ପରବର୍ତ୍ତୀ ସମୟରେ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପାଳନ କରାଯାଉଛି ଜାତୀୟ ନିରାପଦ ମାତୃତ୍ୱ ଦିବସ

ଏବଂ

- ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହିତ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

Desk

## ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦ ପ୍ରାଧିକରଣ ଆଜି ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦ ମାମଲାର ଶୁଣାଣି କରିଛନ୍ତି। ୨୦୨୭ ମସିହା ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ମହାନଦୀ ଜଳବିବାଦ ପ୍ରାଧିକରଣ ଅବଧିକୁ କେନ୍ଦ୍ର ସରକାରଙ୍କ ବୃଦ୍ଧି କରିଛନ୍ତି। ଏ ନେଇ ଜଳ ସମ୍ପଦ ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଜଳବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲଠାରେ ଷ୍ଟାଟସ ନୋଟ୍ ଦାଖଲ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ସୋମବାର ୧୩ ତାରିଖ ଦିନ ମହାନଦୀ ଜଳବିବାଦ ପ୍ରାଧିକରଣଙ୍କ ସମୟସୀମା ଶେଷ ହେଉଥିଲା।

ଦୁଇରାଜ୍ୟ ମଧ୍ୟରେ ମହାନଦୀ ଜଳବିବାଦର ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ସରକାର ୨୦୧୮ ମସିହାରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ ।

Desk

## ପାନୀୟଜଳ

ରାଜ୍ୟରେ ପାନୀୟ ଜଳ ନିଗମ ଗଠନ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ଆଇ.ଟି. ଓ ଡିଜିଟାଲ ପ୍ଲାଟଫର୍ମ ସହିତ ନିଗମ କାର୍ଯ୍ୟ କରିବ। ପ୍ରକଳ୍ପର ଦାୟିତ୍ୱ ୫ ବର୍ଷ ପାଇଁ ଏକ ସଂସ୍ଥାକୁ ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ଓଡ଼ିଶାର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ମଧ୍ୟପ୍ରଦେଶ ଓ କର୍ଣ୍ଣାଟକକୁ ଗସ୍ତ କରି ନିଗମର ରୂପରେଖ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

Puri

# ରତ୍ନଭଣ୍ଡାର-ଗଣତିମଣତି

ପୁରୀ ଶ୍ରୀମନ୍ଦିରର ଦ୍ୱିତୀୟ ପର୍ଯ୍ୟାୟ ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି କାର୍ଯ୍ୟ ଆଜି ଚତୁର୍ଥ ଦିବସରେ ଜାରି ରହିଛି । ଆସନ୍ତା ସୋମବାର ୧୩ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ଗତକାଲି ଦୀର୍ଘ ୭ ଘଣ୍ଟା ୧୦ ମିନିଟ୍ ଧରି ବାହାର ରତ୍ନଭଣ୍ଡାର ଗଣତିମଣତି ଚାଲିଥିଲା । ପରବର୍ତ୍ତୀ ସମୟରେ ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପୁର୍ନବାର ଗଣତି ମଣତି କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନର ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ବିଶ୍ୱନାଥ ରଥ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

Puri

## ଶ୍ରୀମନ୍ଦିର- ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଐକ୍ୟ ସ୍ଥାପନା ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ, ଦେଶ ଓ ଦେଶ ବାହାରେ ମହାପ୍ରଭୁଙ୍କ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣି ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯିବ ବୋଲି ଶ୍ରୀନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସେବାୟତ ଓ ଗବେଷକମାନେ ଉପସ୍ଥିତ ରହିବେ।

Desk

# ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସରେ ଆଜି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ରାଜ୍ୟସ୍ତରୀୟ ଅମୃତପିଢ଼ୀ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ରର ଆୟୋଜନ ହେବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଓଡ଼ିଆ ଭାଷାର କାଳଜୟୀ ସୃଷ୍ଟିକୁ ସମ୍ମାନ ଜଣାଇବା ପାଇଁ ଏବଂ

ନୂତନ ପିଢ଼ିର ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସମସ୍ତେ ଏକତ୍ର ହେବା ଏବଂ ମାତୃଭାଷାର ସୌରଭକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ଭୁବନେଶ୍ୱରସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଏହି ଅବସରରେ ପ୍ରତିଯୋଗିତା ଆୟୋଜନ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଜୋନ୍‌ସ୍ତରରେ କୃତୀ ଯୁବକ ଲେଖକ, ଲେଖିକା ମାନଙ୍କୁ ନେଇ ସୃଜନଶୀଳତାର ଶୁଭସ୍ତମ୍ଭ ସ୍ଥାପନ କରାଯିବା ସହ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

Kendrapara/Baragarh

## ଜିଲ୍ଲା- ଓଡ଼ିଆ ପକ୍ଷ

ରାଜ୍ୟର ବିଭିନ୍ନ ସ୍ଥାନରେ ଅମୃତ ପିଢ଼ି ସାରସ୍ୱତ ସମାରୋହ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଇଛାପୁର ସରକାରୀ ଉଚ୍ଚବିଦ୍ୟାଳୟରେ ଅମୃତ ପିଢ଼ି ସାରସ୍ୱତ ସମାରୋ ଅନୁଷ୍ଠିତ ହୋଇଛି। ଶିଶୁ କିଶୋର ଓ ତରୁଣମାନଙ୍କ ସାରସ୍ୱତ ସୃଷ୍ଟିକୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରିବାର ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ବରଗଡ଼ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସାରସ୍ୱତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବକ୍ତୃତା, ପ୍ରବନ୍ଧ ଲିଖନ ଓ କବିତା ଲିଖନ ଆଦି ପ୍ରତିଯୋଗିତା ଆୟୋଜନ କରିବା ସହ କୃତୀ ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଛି ।

Desk

# ଜାତୀୟ ନିରାପଦ ମାତୃତ୍ୱ ଦିବସ

ଗର୍ଭାବସ୍ଥା, ସନ୍ତାନଜନ୍ମ ଏବଂ ତା'ର ପରବର୍ତ୍ତୀ ସମୟରେ ମହିଳାଙ୍କୁ ସମସ୍ତ ସୁବିଧା ଓ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଆଜି ଦେଶରେ ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳନ କରାଯାଉଛି । ହ୍ୱାଇଟ୍ ରିବନ୍ ଆଲାଏନ୍ସର ଅନୁରୋଧ କ୍ରମେ ୨୦୦୩ ମସିହାରୁ କସ୍ତୁରବା ଗାନ୍ଧୀଙ୍କ ଜୟନ୍ତୀକୁ ଜାତୀୟ ମାତୃତ୍ୱ ଦିବସ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ । ଭାରତର ବିଶ୍ୱର ପ୍ରଥମ ରାଷ୍ଟ୍ର ଯେଉଁଠାରେ ଜାତୀୟ ନିରାପଦ ମାତୃତ୍ୱ ଦିବସ ସରକାରୀଭାବେ ଘୋଷଣା କରାଯାଇଛି । ଗର୍ଭାବସ୍ଥା ଓ ମାତୃତ୍ୱ ଲାଭ କରିଥିବା ପ୍ରତ୍ୟେକ ମହିଳାଙ୍କର ବଂଚିବା ଅଧିକାର ସମ୍ପର୍କୀତ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ପାଳନ କରାଯାଇଛି ।

ଏ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ପ୍ରଫେସର ଶ୍ୱେତା ସିଂହ ପ୍ରତିକ୍ରିୟାରେ ଆକାଶବାଣୀକୁ କହିଛନ୍ତି...

**- V/O –**

Koraput

## ସଡ଼କ ଦୁର୍ଘଟଣା

କୋରାପୁଟ ଜିଲ୍ଲା ସୁଙ୍କିଘାଟି ନିକଟରେ ଆଜି ସକାଳ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି। ନିୟନ୍ତ୍ରଣ ହରାଇ ପାହାଡ଼ ତଳକୁ ଯାତ୍ରୀବାହୀ ବସ୍ ଖସିପଡ଼ିବାରୁ ଜଣେ ଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ଜଣକ କଳାହାଣ୍ଡି ଜିଲ୍ଲା ବୋଲଗାଁର ଜମ୍ବଭା ବିହରୀ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ସୁଙ୍କୀ ପୁଲିସ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ କର୍ମଚାରୀ ଓ ଆମ୍ବୁଲାନ୍ସ ଦଳ ପହଁଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ପୋଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୁନାବେଢ଼ା ଏସ୍.ଡି.ପି.ଓ. ସୁମିତ୍ରା ଜେନା ଘଟଣାର ତଦନ୍ତ କରୁଥିବା ନେଇ ଜଣାପଡ଼ିଛି। ଭବାନୀପାଟଣାରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଯାଉଥିବା ଏହି ବସ୍‌ରେ ମୋଟ ୩୭ ଜଣ ଯାତ୍ରୀ ଥିଲେ।

Boudh

## ଅଗ୍ନିକାଣ୍ଡ

ବୌଦ୍ଧ ଜିଲ୍ଲା ଟିକିରାପଡ଼ା ଗ୍ରାମରେ ଅଗ୍ନିକାଣ୍ଡରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ବାଉଁଶୁଣୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ୍ତ କରିବା ସହିତ ବୃଦ୍ଧାଙ୍କୁ ଉଦ୍ଧାର ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସ୍ଥାନୀୟ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

Gajapti

## ନାରୀ ସୁରକ୍ଷା ଆଲୋଚନା

ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକର ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୁରକ୍ଷିତ ନାରୀ, ସମୃଦ୍ଧ ସମାଜ' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାରୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗରେ ଉପରେ ଆଲୋଚନା କରାଯାଇଛି।

Nuapada

## ସ୍ୱଚ୍ଛତା ଅଭିଯାନ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଏନ୍.ଏ.ସି.ରେ ୱାର୍ଡ ପରିମଳ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡ଼ିଆକୁ ସଫେଇ କରିବା ସହ ସ୍କୁଲ ପରିସରକୁ ପରିଷ୍କାର ରଖିବା ପାଇଁ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ନେବାକୁ ସ୍କୁଲ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱଚ୍ଛସାଥୀ ବିଜ୍ଞାପିତ ଅଞ୍ଚଳର ସମସ୍ତ କର୍ମଚାରୀମାନେ ଏହି ଅଭିଯାନରେ ସାମିଲ ହୋଇଛନ୍ତି।

Gajapati

## ସାଇବର ସୁରକ୍ଷା

ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ସି.ୟୁ.ଟି.ଏମ୍. ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଇବର ସୁରକ୍ଷା ଓ ନିଶାମୁକ୍ତ ଅଭିଯାନ ସମ୍ପର୍କିତ ତିନି ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଏନ୍.ଏସ୍.ଏସ୍. ବ୍ୟୁରୋ ପକ୍ଷରୁ ସାଇବର ଅପରାଧ, ସାଇବର ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହୋଇଯାଇଛି। ମାଦକ ଦ୍ରବ୍ୟର କୁପରିଣାମ ସମ୍ପର୍କରେ ଯୁବଗୋଷ୍ଠୀଙ୍କୁ ସଚେତନ କରାଇବା ସହ ସୁସ୍ଥ ସମାଜ ଗଠନ ଦିଗରେ ଆଗେଇ ଆସିବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି।

Nabarngpur

## ପ୍ରଶିକ୍ଷଣ ମହାଅଭିଯାନ

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ଧର୍ମଶାଳାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନୁଷ୍ଠିତ ହୋଇଛି। ବ୍ଲକର ବିଜେପି ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। କର୍ମୀମାନେ ଦଳେଇଗୁଡ଼ା ଗ୍ରାମ ପରିକ୍ରମା କରି ସରକାରଙ୍କ ଯୋଜନା ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଛନ୍ତି।

Desk

## ପାର୍କିନସନ୍

ପାର୍କିନସନ୍ ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି, ଭ୍ରାନ୍ତ ଦୂର କରିବା ଏବଂ ରୋଗୀଙ୍କୁ ସମର୍ଥନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ପାର୍କିନସନ୍ ଦିବସ ଭାବେ ପାଳନ କରାଯାଉଛି। ଡାକ୍ତର ଜେମ୍ସ

ପାର୍କିନସନ୍‌ଙ୍କ ଜନ୍ମଦିନକୁ ସ୍ମରଣ କରି ୧୮୧୭ ମସିହାରେ ପ୍ରଥମେ ଏହି ରୋଗକୁ ସେକିଂ ପଲ୍‌ସି ଭାବେ ଅଭିବ୍ୟକ୍ତ କରାଯାଇଥିଲା। ପାର୍କିନସନ୍ ରୋଗ ହେଉଛି ମସ୍ତିଷ୍କରେ ଧୀରେ ଧୀରେ ଅଗ୍ରଗତି କରୁଥିବା ସ୍ନାୟୁ ଭିତ୍ତିକ ରୋଗ। ଏହି ରୋଗରେ ଡୋପାମିନ୍ ହରମୋନ ଉତ୍ପାଦନ କମିଯାଉଥିବାରୁ କମି ଯାଉଥିବାରୁ ଶରୀର ଚଳନ ଧିମେଇ ଯାଏ। କମ୍ପନ ଓ ସମତୁଳନ ସମସ୍ୟା ଦେଖାଯାଇଥାଏ।

Nabarangpur

## ପାରମ୍ପରିକ ବାଲିଯାତ୍ରା

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଅମ୍ବଳାଭଟ୍ଟା ଗ୍ରାମର ପାରମ୍ପରିକ ବାଲିଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଉତ୍ତମ ବୃଷ୍ଟିପାତ ସହ ଭଲ ଫସଲ ଏବଂ ଫସଲକୁ ରୋଗ ପୋକ କବଳରୁ ରକ୍ଷା କରିବା ବିଶ୍ୱାସ ନେଇ ଏହି ଯାତ୍ରା ଗ୍ରାମରେ ପାଳନ ହୋଇଆସୁଛି।

HS

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୪ରୁ ୫ ଦିନ ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରା ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ

କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ାଠାରେ ସର୍ବାଧିକ ୨୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।